ଧରିତ୍ରୀ DHARITRI
ଭୁବନେଶ୍ୱର, ଶନିବାର, ୭ ଅକ୍ଟୋବର,୨୦୨୩

## ମଧ୍ୟାହ୍ନ ଭୋଜନ ଚାଉଳ ଚୋରି

ହିଞ୍ଜିଳିକାଟୁ( ଦ୍ୱିତୀକୃଷ୍ଣ ପଣ୍ଡା): ହିଞ୍ଜିଳିକାଟୁ ମ୍ୟୁନିସିପାଲିଟି ଅନ୍ତର୍ଗତ ଆଙ୍କୋରଡା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ମଧ୍ୟାହ୍ନ ଭୋଜନ ଚାଉଳ ଚୋରି ହେଉଥିବା ଅଭିଯୋଗ ହୋଇଛି। ଜଣେ ଶିକ୍ଷୟିତ୍ରୀଙ୍କ ପ୍ରରୋଚନାରେ ଜଣେ କର୍ମଚାରୀଙ୍କ ଦ୍ୱାରା ସ୍କୁଲ ଭଣ୍ଡାର ଘରୁ ସ୍କୁଲ ବାହାରକୁ ଚାଉଳ ନିଆଁ ଯାଉଥିବା ସ୍ଥାନୀୟ ଲୋକେ ଦେଖି ହୋହଲ୍ଲା କରିଥିଲେ। ଫଳରେ ଉକ୍ତ ଚାଉଳକୁ ପୁଣି ସ୍କୁଲକୁ ତରବରିଆ ଭାବେ ନିଆଯାଉଥିବା ବେଳେ ଚାଉଳ ପ୍ୟାକେଟ ରାସ୍ତାରେ ପଡିଯାଇଥିଲା। ଏହାକୁ ନେଇ ଉତ୍ତେଜନା ଦେଖାଦେଇଥିଲା। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଓ ଅନ୍ୟମାନେ ରାସ୍ତାରୁ ଚାଉଳ ସଂଗ୍ରହ କରି ପୁଣି ସ୍କୁଲ ଷ୍ଟୋର ରୁମରେ ରଖିଥିଲେ। ଏ ନେଇ ପ୍ରଧାନ ଶିକ୍ଷୟିତ୍ରୀ ରିନା ପଣ୍ଡାଙ୍କୁ ପଚାରିବାରେ ଚାଉଳ ଚୋରି ବିଷୟରେ ସେ କିଛି ଜାଣି ନ ଥିବା କହିଛନ୍ତି। ଘଟଣାର ନିରପେକ୍ଷ ତଦନ୍ତ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି ।



**ସଂକ୍ଷେପରେ**

## ମା’ ବୁଢୀ ଠାକୁରାଣୀଙ୍କ ନୂତନ ବିଗ୍ରହ ସ୍ଥାପନ

ଛତ୍ରପୁର,୬।୧୦(ଦିଲୀପ ସାମଲ):

ଛତ୍ରପୁର ବ୍ଲକ ବାସନାପଲ୍ଲୀ ଗ୍ରାମରେ ମା’ ବୁଢୀ ଠାକୁରାଣୀଙ୍କ ନୂତନ ବିଗ୍ରହ ସ୍ଥାପନ କାର୍ଯ୍ୟକ୍ରମ ପଣ୍ଡିତ ବାସୁଦେବ ଆଚାରୀ ଓ ମନ୍ଦିର ପୂଜକ ମନୋରଞ୍ଜନ ପଣ୍ଡାଙ୍କ ପୌରହିତରେ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ଗ୍ରାମର ଏନ. ପୁନିୟା, ତାଙ୍କ ସ୍ତ୍ରୀ ଏନ. ପୂର୍ଣ୍ଣମୀ ଓ ପୁଅ ଏନ. ପର୍ଶୁରାମ ଏବଂ ଗ୍ରାମବାସୀଙ୍କ ସହଯୋଗରେ ଲଣ୍ଡାବାଉଁଶ ଗ୍ରାମର ମୂର୍ତ୍ତି କାରିଗର ବାବୁଲା ସାହୁଙ୍କ ଦ୍ୱାରା ଅଷ୍ଟଧାତୁରେ ନିର୍ମିତ ମା’ଙ୍କ ଏକ ନୂତନ ପ୍ରତିମା ନିର୍ମାଣ କରି ସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ଚିକଲଖଣ୍ଡି ଗ୍ରାମର ସରପଞ୍ଚ ଭଗବାନ ବେହେରା, ଗୋପାଳ ସ୍ୱାମୀ, ଏନ. ଦାଲେୟା, ପି. ସୋମେୟା, ସି. ଏଚ. ଶ୍ରୀନିବାସ, ସି. ଏଚ. ଡିଲ୍ଲୀରେଡ୍ଡୀ, ମନ୍ଦିର କମିଟିର ସି. ଏଚ. ରାଗୁଲୁ, ଏନ. ଶିବ କିଶୋର, ଆର୍. ନୌକାଙ୍କ ସମେତ ବହୁ ଗ୍ରାମବାସୀ ସହଯୋଗ କରିଥିଲେ।

## ରାଷ୍ଟ୍ରୀୟ ସ୍ୱଳ୍ପ ସଞ୍ଚୟ ଅଭିକର୍ତ୍ତା ସଂଘ ପକ୍ଷରୁ ଧାରଣା

ଛତ୍ରପୁର, ୬।୧୦ (ଦିଲୀପ ସାମଲ)

୭ ଦଫା ଦାବି ନେଇ ରାଷ୍ଟ୍ରୀୟ ସ୍ୱଳ୍ପ ସଞ୍ଚୟ ଅଭିକର୍ତ୍ତା ସଂଘ ଛତ୍ରପୁର ମୁଖ୍ୟ ଡାକଘର କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛି। ଏହି ଧାରଣାରେ ଆର.ପ୍ରଭାକର ରାଓ, ସିମାଞ୍ଚଳ ସାହୁ, ପୁରୁଷୋତ୍ତମ ଚର୍ତ୍ତୀ, ରାଜେଶ୍ୱନୀ ଚର୍ତ୍ତୀ, ସୁଜାତା ମହାନ୍ତି, ସୁରେନ୍ଦ୍ର ନାୟକ, ପଦ୍ମନାଭ ଚୈଧରୀ, ସବିତା ସାହୁ, ସିଏଚ ମାଧବୀ, ପ୍ରସନ୍ନ କୁମାର ପାତ୍ର, ଖିରୋଧ ରଥ, ନିଳାଦ୍ରୀ ସାହୁଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ମୀନକେତନ କଲେଜକୁ ୫୦ ଲକ୍ଷ ଅନୁଦାନ

ଗୋଷାଣି, ୬।୧୦(ପ୍ରଶାନ୍ତ କୁମାର ରାଉତ):

ଗଜପତି ଜିଲା ଗୋଷାଣି ବ୍ଲକ ଅନ୍ତର୍ଗତ ଗୁରାଣ୍ଡି ଗ୍ରାମ ଠାରେ ଥିବା ମୀନକେତନ ଡିଗ୍ରି ମହାବିଦ୍ୟାଳୟକୁ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନାରେ ଅନ୍ତର୍ଭୁକ୍ତ କରି ଅନୁଦାନ ପ୍ରଦାନ କରିଛନ୍ତି। ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ସଚିବ ଭିକେ ପାଣ୍ଡିଆନଙ୍କୁ କୃତଜ୍ଞତା ଜଣାଇଛନ୍ତି ଛାତ୍ରୀଛାତ୍ର। ଶୁକ୍ରବାର ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ୨୦୨୩-୨୪ ଆର୍ଥିକ ବର୍ଷରେ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସହାୟତା ଯୋଜନାରେ ମୀନକେତନ ଡିଗ୍ରୀ କଲେଜକୁ ୫୦ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରିଛନ୍ତି ରାଜ୍ୟ ସରକାର। ଫଳରେ କଲେଜର ଉନ୍ନତି କରଣ ତଥା ସ୍ମାର୍ଟ ଶ୍ରେଣୀ କକ୍ଷ, ଇ-ପାଠାଗାର, ପାନୀୟ ଜଳ ଓ ଶୌଚାଳୟର ସୁବିଧା ଏବଂ ଶ୍ରେଣୀ କକ୍ଷର ମରାମତି ଓ ନବୀକରଣ କରାଯିବ। ଏହି କାର୍ଯ୍ୟକ୍ରମରେ ଗୋଷାଣି ବିଡିଓ ଅଜୟ କୁମାର ପ୍ରଧାନ, ମୀନକେତନ ଡିଗ୍ରୀ କଲେଜର ଅଧକ୍ଷ ଗୋଦାବରୀ ଜେନା, ମୀନକେତନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ତିରୁପତି ପରିଚ୍ଛା, ଗୁରାଣ୍ଡି ସରପଞ୍ଚ ଶିଳ୍ପା ପାତ୍ର, ସମିତି ସଭ୍ୟା ପି.ମୀନାକ୍ଷୀ ମଞ୍ଚାସୀନ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ସହକାରୀ ନିର୍ବାହୀ ଯନ୍ତ୍ରୀ ନିହାର ନାଇକ, ଯନ୍ତ୍ରୀ ବିରଜା ପ୍ରସାଦ ପଣ୍ଡା, ଗୁରାଣ୍ଡି ଥାନା ଅଧିକାରୀ ରବୀନ୍ଦ୍ର ପାତ୍ର, ଏସଆଇ ବଳରାମ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ମଞ୍ଚପରିଚାଳନା ତଥା ସଂଯୋଜନା କରିଥିଲେ ଗୋଷାଣି କ୍ଲଷ୍ଟରର ସିଆରସିସି ରଶ୍ମିତା ସାମଲ ।

## ଦ୍ରୁତଗାମୀ ଟ୍ରେନ ରହଣି ଦାବି ପ୍ରସଙ୍ଗ ବରିଷ୍ଠ ନାଗରିକଙ୍କ ଧାରଣା ସ୍ଥଗିତ

ଗଞ୍ଜାମ,୬।୧୦(ବିଦ୍ୟାଧର ସାହୁ)

ଗଞ୍ଜାମ ଷ୍ଟେଶନରେ ଦ୍ରୁତଗାମୀ ଟ୍ରେନ ରହଣି ଦାବିରେ ବରିଷ୍ଠ ପୌରାଞ୍ଚଳ ନାଗରିକ ପରିଷଦ ପକ୍ଷରୁ ଚାଲିଥିବା ଧାରଣା ସ୍ଥଗିତ ରହିଛି। ମାସେରୁ ଦେଢ଼ମାସ ମଧ୍ୟରେ ଗଞ୍ଜାମ ଷ୍ଟେସନଠାରେ ହୀରାଖଣ୍ଡ ଏକ୍ସପ୍ରେସ ରହଣି କରିବ। ରେଳ ବିଭାଗ ଉଚ୍ଚ କର୍ତ୍ତୃପକ୍ଷଙ୍କ ଆଲୋଚନା ପରେ ପୁରୀ-ତିରୁପତି ଏକ୍ସପ୍ରେସ ଟ୍ରେନ ରହିବା ଉପରେ ନିଷ୍ପତ୍ତି ନିଆଯିବ ବୋଲି ଖୋର୍ଦ୍ଧା ଡିଆରଏମଙ୍କ ପ୍ରତିନିଧି ତଥା ଡିଭିଜିନାଲ କମର୍ସିଆଲ ମ୍ୟାନେଜର ଗିରିଶ ଚନ୍ଦ୍ର ନାୟକ ଲିଖିତ ପ୍ରତିଶ୍ରୁତି ଦେବା ପରେ ଧାରଣାକୁ ସ୍ଥଗିତ ରଖାଯାଇଥିବା ବରିଷ୍ଠ ନାଗରିକଙ୍କ ପକ୍ଷରୁ ସୂଚନା ମିଳିଛି।

# ତାରାତାରିଣୀ, ଦକ୍ଷିଣକାଳୀଙ୍କ ଷୋଡ଼ଶ ଉପଚାର ପୂଜା ଆରମ୍ଭ

ପୁରୁଷୋତ୍ତମପୁର,୬।୧୦(ସୀମାଞ୍ଚଳ ମିଶ୍ର)



ଗଞ୍ଜାମ ଜିଲାର ଇଷ୍ଟଦେବୀ ମା’ ତାରାତାରିଣୀ ଓ ଦକ୍ଷିଣ କାଳୀଙ୍କ ପୀଠରେ ଶାରଦୀୟ ପୂଜା ଶୁକ୍ରବାର ଆରମ୍ଭ ହୋଇଛି। ଏହା ଷୋହଳ ଦିନ ଧରି ଚାଲିବ। ପ୍ରଥମ ଦିନ ମା’ ତାରାତାରିଣୀ ଦୁଇ ଭଉଣୀଙ୍କ ପ୍ରତିମାକୁ ସ୍ନାନବେଦୀକୁ ଅଣାଯାଇଥିଲା। ଋଷିକୁଲ୍ୟା ନଦୀରେ ପୂଜାର୍ଚ୍ଚନା କରି ସେବାୟତ ବୋହୂମାନେ ଆଣିଥିବା ଜଳରେ ମା’ଙ୍କୁ ସ୍ନାନ କରାଯାଇ ପୁଣି ଗର୍ଭଗୃହକୁ ନିଆଯାଇଥିଲା। ସେଠାରେ ସଙ୍କଟ ତାରିଣୀଙ୍କ ସହ ମହାସ୍ନାନ କରାଯାଇଥିଲା। ମା’ଙ୍କ ମୁଖ୍ୟ ପୁରୋହିତ ପ୍ରତାପୁର ଗ୍ରାମର ପଣ୍ଡିତ ସୀମାଞ୍ଚଳ ଦାଶ ଶର୍ମା ପରମ୍ପରା ଅନୁସାରେ ସମସ୍ତ ପୂଜାର୍ଚ୍ଚନା କରି ରାତିରୁ ଚଣ୍ଡିପାଠ ଓ ପୂଜା କରୁଛନ୍ତି। ସେବାୟତ ସଂଘ ସଭାପତି ତପନ କୁମାର ରଣା କର୍ତ୍ତା ହୋଇଛନ୍ତି। ମନ୍ଦିର ନିର୍ବାହୀ ଅଧିକାରୀ ଟିକେ ରେଡିଙ୍କ ତତ୍ତ୍ୱାବଧାନରେ ସେବାୟତ ବାପୁଜୀ ରଣା, ଧ୍ରୁବରଣାଙ୍କ ସମେତ ସମସ୍ତ ସେବାୟତ ପୂଜା କାର୍ଯ୍ୟରେ ଲାଗିଛନ୍ତି। ଷୋହଳ ଦିନ ବ୍ୟାପି ପ୍ରତ୍ୟହ ଦିନକୁ ୨ଥର ଚଣ୍ଡି ପାଠ ହେବ। ମାଙ୍କ ଏହି ପର୍ବରେ ଆର୍ଶିବାଦ ଭିକ୍ଷା ଲାଗି ଭକ୍ତଙ୍କ ପ୍ରବଳ ଭିଡ ଜମିବାରେ ଲାଗିଛି। ସେହିପରି ଜଳେଶ୍ୱରଖଣ୍ଡି ଗ୍ରାମରେ ବିଜେ ମା’ ଦକ୍ଷିଣକାଳୀଙ୍କ ପୀଠରେ ମଧ ପୂଜା ଆରମ୍ଭ ହୋଇଛି। କିମ୍ବଦନ୍ତି ପ୍ରକାରେ ସପ୍ତଦଶ ଶତାବ୍ଦୀର ଶେଷ ଭାଗରେ ଉତ୍କଳର ସୁପ୍ରସିଦ୍ଧ କବିସୂର୍ଯ୍ୟ ବଳଦେବ ରଥଙ୍କ ଜ୍ୟେଷ୍ଠଭ୍ରାତା ଲୋକନାଥ ରଥଙ୍କ ଉଦ୍ୟମରେ ଜଉଗଡ଼ରେ ଅବହେଳିତ ଅବସ୍ଥାରେ ଥିବା କାଳୀ ମୂର୍ତ୍ତିଙ୍କୁ ଆଣି ଜଳେଶ୍ୱରଖଣ୍ଡିରେ ଅବସ୍ଥାପିତ କରିଥିଲେ। ମା ଦକ୍ଷିଣକାଳୀ କଳା ମୁଗୁନି ପଥରରେ ଅଷ୍ଟାଦଶ ଭୁଜା ମହିଷାସୁରକୁ ବଧ କରିବା ମୁଦ୍ରାରେ ଅଛନ୍ତି। ଏଠାରେ ଷୋଡ଼ଶ ଦିବ୍ୟସିଂହ ଶାରଦୀୟ ଦୁର୍ଗାପୂଜା କରାଯାଏ। ପ୍ରତ୍ୟେକ ଦିନ ୩ ଥର ଚଣ୍ଡୀ ପାଠ ଷୋଡଶ ଉପଚାର ପୂଜା ଓ ମହାପୂଜା କରାଯିବା ସହ ମହାଷ୍ଟମୀ ପୂଜା କରାଯାଇଥାଏ। ମହା ନବମୀ ଦିନ ବିଶ୍ରାମ ଚଣ୍ଡୀ ପୂଜା ହୁଏ। ଦଶହରା ସନ୍ଧ୍ୟାରେ ଦେବୀଙ୍କ ଘଟ ବିସର୍ଜନ ହୋଇଥାଏ । ମୁଖ୍ୟ ପୁରହିତ ଦିବ୍ୟସିଂହପୁରର ପଣ୍ଡିତ ବାସୁଦେବ ମିଶ୍ର ପୂଜାର୍ଚ୍ଚନା କରିବାରେ ଲାଗିଛନ୍ତି। ମନ୍ଦିର ପରିଚାଳନା ଟ୍ରଷ୍ଟି ଶଶି ଭୂଷଣ ପଣ୍ଡା ଓ ସମସ୍ତ ସେବକଙ୍କ ସହଯୋଗ କରୁଛନ୍ତି।

# କନ୍ଧୁଣୀ ଦେବୀ ମହୋତ୍ସବ ଉଦ୍‌ଯାପିତ



ସୋରଡା,୬।୧୦(ଲମ୍ବୋଦର ପାଣିଗ୍ରାହୀ)

ମା କନ୍ଧୁଣି ଦେବୀଙ୍କ କଣ୍ଟାପିଡା ଯାତ୍ରାର ୧୦ମ ଦିବସ ତଥା ରଥପଦାଠାରେ କନ୍ଧୁଣୀ ଦେବୀ ମହୋତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ରାଜ୍ୟ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ପ୍ରଦୀପ ଅମାତ ଯୋଗଦେଇ କହିଥିଲେ ଏପରି କାର୍ଯ୍ୟକ୍ରମ ସମସ୍ତଙ୍କୁ ଏକତାର ସୂତ୍ରରେ ବାନ୍ଧି ଶ୍ରଦ୍ଧା, ସ୍ନେହ ବାଣ୍ଟିଥାଏ। ସମ୍ମାନିତ ଅତିଥି ଭାବେ ଆସିକା ଏମ୍‌ପି ପ୍ରମିଳା ବିଶୋଇ, ଭଞ୍ଜନଗର ଏନଏସି ଅଧକ୍ଷ ଗୋପ ମହାପାତ୍ର, ବ୍ଲକ ଅଧକ୍ଷା ସାଇବାଣୀ ମଲିକ ଯୋଗଦେଇଥିବା ବେଳେ ବିଧାୟକ ତଥା କମିଟି ସଭାପତି ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ସଭାପତିତ୍ୱ କରିଥିଲେ। ସୋରଡା ନଗରପାଳ ଶିବଶଙ୍କର ପଣ୍ଡା, ସମ୍ପାଦକ ଦୁର୍ଗାଚରଣ ଶତପଥୀ, କୋଷାଧକ୍ଷ ପ୍ରମୋଦ ଅଧିକାରୀ, ଉପସଭାପତି କୈଳାଶ ପଣ୍ଡା, ମନ୍ଦିର ସଦସ୍ୟ ଶିବପ୍ରସାଦ ସୁଆର, ପ୍ରମୋଦ କୁମାର ପଟନାୟକ ପ୍ରମୁଖ ମଞ୍ଚରେ ଉପସ୍ଥିତ ହୋଇ ପରିଚାଳନା କରିଥିଲେ। ଏହି ଅବସରରେ ସ୍ଥାନୀୟ ଶିଶୁ ଚିତ୍ରକର ଶୁଭମ ସାହୁ ମନ୍ତ୍ରୀ ପ୍ରଦୀପଙ୍କ ପେନସିଲ ଆର୍ଟ ଚିତ୍ର ତାଙ୍କୁ ଉପହାର ଭାବେ ଦେଇଥିଲେ। ସଭାପରେ କୋଲକାତାରୁ ଆସିଥିବା ନଟରାଜ ନୃତ୍ୟ ଦଳ, ଆଞ୍ଚଳିକ ଦଳ, ଶିଳ୍ପୀକା ନୃତ୍ୟ ଅନୁଷ୍ଠାନର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ପରେ ଓଡ଼ିଶାର ପ୍ରଖ୍ୟାତ ଗାୟକ ହ୍ୟୁମାନ ସାଗରଙ୍କ ମେଲୋଡି ପ୍ରଦର୍ଶନ ହୋଇଥିଲା। ଶଶିଭୂଷଣ ଉଚ୍ଚ ବିଦ୍ୟାଳୟର ସପ୍ତମ ଶ୍ରେଣୀ ଛାତ୍ର ଶୁଭମ ସାହୁ ଅତିଥିମାନଙ୍କର ପେନସିଲରେ ଚିତ୍ର ଆଙ୍କି ଉପହାର ଦେଇଥିଲେ।

# ଟିମ୍ ହ୍ୟୁମାନିଟି ସ୍ନେକ ହେଲ୍‌ପ ଲାଇନ ସମ୍ମାନିତ

ଫୁଲବାଣୀ, ୬।୧୦(ରାକେଶ କୁମାର ରାଉତ)

ଫୁଲବାଣୀର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଟିମ୍ ହ୍ୟୁମାନିଟି ନିରବଚ୍ଛିନ୍ନ ସେବା ଜାରି ରଖିଛି ଗତ ୪ବର୍ଷ ମଧ୍ୟରେ ସଂଗଠନର ସ୍ନେକ ହେଲ୍‌ପ ଲାଇନ ଦ୍ୱାରା ଫୁଲବାଣୀ ସହର ତଥା ଆଖପାଖ ଅଞ୍ଚଳରୁ ପ୍ରାୟ ୪୦୦୦ରୁ ଉର୍ଦ୍ଧ୍ୱ ବିଭିନ୍ନ ପ୍ରଜାତିର ସାପ ଏବଂ କେତୋଟି ଗୋଧି ଉଦ୍ଧାର କରାଯାଇଛି। ଏଥିପାଇଁ ସଂଗଠନକୁ ରାଜ୍ୟ ସରକାରଙ୍କ ନିଷ୍ପତି କ୍ରମେ ଚଳିତ ବର୍ଷର ବିଜୁ ପଟ୍ଟନାୟକ ବନ୍ୟପ୍ରାଣୀ ସଂରକ୍ଷଣ ସମ୍ମାନରେ ସମ୍ମାନିତ କରାଯାଇଛି । ଜିଲା ବନ ବିଭାଗ କାର୍ଯ୍ୟାଳୟରେ ଅନୁଷ୍ଠିତ ୬୯ ତମ ବନ୍ୟପ୍ରାଣୀ ସପ୍ତାହ ପାଳନ ଅବସରରେ ବନଖଣ୍ଡ ଅଧିକାରୀ ପ୍ରଶାନ୍ତ ପଟେଲ, ଏସିଏଫଓ ମଳୟ ରନ କାର୍ଲୋ, ଆଇନଜୀବୀ ବିଜୟକୃଷ୍ଣ ପଟ୍ଟନାୟକ,



ସ୍ନେକ ହେଲ୍ପଲାଇନ କର୍ମକର୍ତ୍ତା ।

ଫୁଲବାଣୀ ରେଞ୍ଜର ଶିବାନନ୍ଦ ଲେଙ୍କା ପ୍ରମୁଖ ଉପସ୍ଥିତ ରହି ଏହି ସମ୍ମାନ ପ୍ରଦାନ କରିଥିଲେ । ସୂଚନାଯୋଗ୍ୟ, ଯେ କୌଣସି ବ୍ୟକ୍ତି ଯଦି ସାପ ଉଦ୍ଧାର ପାଇଁ ଫୋନ୍ କରନ୍ତି ତେବେ ଟିମ୍ ସଦସ୍ୟ ଭି ଜଗନ୍ନାଥ ରାଜୁ, ଅନୁପ ପାତ୍ର, ଅବଦୁଲ ସାକିର, ଆଲୋକ ବିଶୋଇ, ପ୍ରଫୁଲ୍ଲ କୁମାର ପୃଷ୍ଟି ପ୍ରମୁଖ ଦିନ ହେଉ କି ରାତି ତୁରନ୍ତ ଉକ୍ତ ସ୍ଥାନକୁ ପହଞ୍ଚି ସାପ ଉଦ୍ଧାର କରି ପୁନର୍ବାର ଜଙ୍ଗଲରେ ଛାଡ଼ି ଆସନ୍ତି। ଟିମ୍ ଆବାହକ ଭି.ଲୋକନାଥ ରାଜୁଙ୍କ ନେତୃତ୍ୱରେ ସଂଗଠନ ସଦସ୍ୟମାନେ ମୁଖ୍ୟତଃ ରକ୍ତଦାନ, ରକ୍ତଦାନ ଶିବିର ଆୟୋଜନ, ସଡ଼କ ଦୁର୍ଘଟଣା, ଦୈବି ଦୁର୍ବିପାକ , ଅସହାୟ ମୃତ ବ୍ୟକ୍ତିଙ୍କ ସବ ସତ୍କାର, ବିଷାକ୍ତ ସାପ ଗୁଡ଼ିକର ଉଦ୍ଧାର ଭଳି ଅନେକ କାର୍ଯ୍ୟକ୍ରମ କରି ଆସୁଛି।

## ଦୃଷ୍ଟିବାଧିତଙ୍କୁ ଆର୍ଥିକ ସହାୟତା

ଛତ୍ରପୁର,୬।୧୦(ସନ୍ତୋଷ ପାଢ଼ୀ):

ଛତ୍ରପୁର ବ୍ଲକ ଅଧକ୍ଷା ଓ ବଡମାଧପୁର ଶ୍ୟାମାକାଳୀ ଯୁବକ ସଂଘର ମିଳିତ ସହଯୋଗରେ ବ୍ଲକ ଅଧକ୍ଷାଙ୍କ କାର୍ଯ୍ୟାଳୟରେ ବଡମାଧପୁରର ଦୃଷ୍ଟିହୀନ ହରାଇଥିବା ସାଡି ପୁରସ୍ତମ ରେଡ୍ଡୀଙ୍କ ପରିବାରକୁ ୫୦ ହଜାର ଟଙ୍କାର ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଛି। ଏହି ସହାୟତା ରାଶି ପ୍ରଦାନ ବେଳେ ଚିକଲଖଣ୍ଡି ସରପଞ୍ଚ ଭଗବାନ ବେହେରା, ପୂର୍ବତନ ଜିଲାପରିଷଦ ସଭ୍ୟ ମୁନା ଦାସ, ଲକ୍ଷ୍ମୀପୁର ସମିତି ସଭ୍ୟ ଏନ ରମେଶ ରେଡ୍ଡୀ, ବଉଳଗାଁ ସମିତି ସଭ୍ୟ ରାମଚନ୍ଦ୍ର ପରିଡ଼ାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ରାମଚଣ୍ଡୀ ପୀଠରେ ଷୋଡ଼ଶ ପୂଜା ଆରମ୍ଭ

ଛତ୍ରପୁର, ୬।୧୦(ସନ୍ତୋଷ ପାଢ଼ୀ):

ଛତ୍ରପୁର ନିକଟରେ ଥିବା ପ୍ରସିଦ୍ଧ ଶକ୍ତିପୀଠ ମା’ ରାମଚଣ୍ଡିଙ୍କ ମନ୍ଦିରରେ ପ୍ରଥମ କରି ଷୋଡଶ ଦିବସ ପୂଜା ଶୁକ୍ରବାରଠାରୁ ଆରମ୍ଭ ହୋଇଛି । ପୂର୍ବରୁ ନବରାତ୍ର ପୂଜା ହେଉଥିଲା। ଦେବୀଙ୍କୁ ଶୟନରୁ ଉଠାଯିବା ପରେ ରୀତି ଅନୁଯାୟୀ ପୂଜା ଉପଚାର ଆରମ୍ଭ ହୋଇଛି । କର୍ତ୍ତା ଭାବେ ଦିବାକର ଦାଶ ଦାୟିତ୍ୱ ତୁଲାଉଛନ୍ତି। ବହୁ ଭକ୍ତଙ୍କ ସମାଗମ ହେଉଥିବା ଦେଖିବାକୁ ମିଳିଛି। ଗଞ୍ଜାମ ଥାନା ପୋଲିସ ପକ୍ଷରୁ ଫୋର୍ସ ମୁତୟନ କରାଯାଇଛି। ଏସଡ଼ିଜେଏମ କୋର୍ଟର ଏପିପି ରାଜେଶ ମିଶ୍ର, ଟୁଲୁ ପଣ୍ଡା, ସନ୍ତୋଷ ପଣ୍ଡା, କମଳ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

# ଘରେ ଘରେ କଂଗ୍ରେସ ପ୍ରଚାର

ଦାରିଙ୍ଗବାଡି,୬।୧୦(ଅରୁଣ ସାହୁ)

କଂଗ୍ରେସର ଗଡ କୁହାଯାଉଥିବା ଦାରିଙ୍ଗବାଡି ବ୍ଲକ ଅଞ୍ଚଳରେ ଏବେ ବିଜେଡି ଶାସନ କରୁଛି। ବୃହତ ବ୍ଲକ ଭାବେ ରହିଥିବା ଦାରିଙ୍ଗବାଡି ବ୍ଲକ ପଞ୍ଚାୟତ ସମିତି ବିଜେଡି ହାତରେ ରହିଥିବା ବେଳେ ଜିଲା ପରିଷଦର ୧୦ ନଂ ଜୋନ ବିଜେଡି ଓ ୧୧ ନଂ ଜୋନ କଂଗ୍ରେସ ହାତରେ ଶାସନ ରହିଛି। ସେହିପରି ପଞ୍ଚାୟତ ସମିତିର ଉପାଧକ୍ଷ ପଦବୀ ମଧ୍ୟ ବିଜେଡି ହାତରେ ରହିଛି। ଏବେ ନିଜ ଗଡ଼ କହୁଥିବା କଂଗ୍ରେସ ପୁଣି ବିଧାୟକ ପଦବୀଠାରୁ ଆରମ୍ଭ କରି ପଞ୍ଚାୟତ, ବ୍ଲକ ସ୍ତରରେ ନିଜ ମତଦାତା ସଂଖ୍ୟା ବୃଦ୍ଧି କରିବା ସହ ଆସନ୍ତା ସାଧାରଣ ନିର୍ବାଚନରେ ବିଜୟୀ କରିବାକୁ ଉଦ୍ୟମ କରୁଛି। ଏହି ଅବସରରେ କଂଗ୍ରେସର କର୍ମକର୍ତ୍ତାମାନେ ଘରେ ଘରେ କଂଗ୍ରେସ ଘରେ ଘରେ ହାତକୁ ନେଇ ପ୍ରଚାର ପ୍ରସାର କରିବା ସହ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଫଳତା ସମ୍ପର୍କରେ ପ୍ରଚାର ପ୍ରସାର ଚଳାଇଛନ୍ତି। ଦାରିଙ୍ଗବାଡି ଅଞ୍ଚଳରେ ପ୍ରଦେଶ କଂଗ୍ରେସ କମିଟିର ରାଜ୍ୟ ସମ୍ପାଦିକା ବିକାଶିନୀ ନାୟକ ଘର ଘର, ସରକାରୀ ଓ ବେସରକାରୀ ଅଞ୍ଚଳରେ ବୁଲି ଲୋକଙ୍କୁ କଂଗ୍ରେସ ଦଳ ସମ୍ପର୍କରେ ବୁଝାଇବା ସହ ବିଜେଡି ଓ ଭାଜପାର ପ୍ରତିଶ୍ରୁତି ଓ ପ୍ରତାରଣା କଥା କହିବା ସହ ବିଜେଡି ସରକାରଙ୍କ ୨୩ ବର୍ଷ ଶାସନରେ ରହିଥିବା ଦୁର୍ନୀତି ଅଭିଯୋଗ ଆଣିଛି। ଏଥିସହ କଂଗ୍ରେସ ଶାସନ ସମୟରେ ଓଡିଶା ପ୍ରତି ଅବଦାନ ରହିଥିବା କଥା ଲୋକଙ୍କୁ କୁହାଯାଉଛି।

# ଜିଲାସ୍ତରୀୟ ବିଶ୍ୱ ବନ୍ୟପ୍ରାଣୀ ସପ୍ତାହ ପାଳିତ

ପାରଳାଖେମୁଣ୍ଡି,୬।୧୦ (ଗିରିଧାରୀ ପରିଚ୍ଛା):

ପାରଳାଖେମୁଣ୍ଡି ଜିଲାପରିଷଦ ସମ୍ମିଳନୀ କକ୍ଷଠାରେ ବିଶ୍ୱ ବନ୍ୟପ୍ରାଣୀ ସପ୍ତାହ ପାଳିତ ହୋଇଯାଇଛି। ‘ବନ୍ୟଜନ୍ତୁ ସଂରକ୍ଷଣ ପାଇଁ ସହଭାଗୀତା’ ଶୀର୍ଷକ ବିଷୟକୁ ନେଇ ସପ୍ତାହ ପାଳନ କରାଯାଇଛି। ମୁଖ୍ୟ ଅତିଥି ଭାବରେ ଜିଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ଓ ଜିଲା ଆରକ୍ଷୀ ଅଧୀକ୍ଷକ ସ୍ୱାତୀ ଏସ କୁମାର ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଜିଲା ପରିଷଦ ଅଧକ୍ଷ ଜି.ତିରୁପତି ରାଓ ଓ ଏସିଏଫ ଅଶୋକ କୁମାର ବେହେରା ପ୍ରମୁଖ ଯୋଗ ଦେଇଥିଲେ। ପାରଳାଖେମୁଣ୍ଡି ବନଖଣ୍ଡ ଅଧିକାରୀ ଏସ. ଆନନ୍ଦଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ





ସଞ୍ଜୟ କୁମାର ମିଶ୍ରଙ୍କୁ ବିଜୁ ପଟ୍ଟନାୟକଙ୍କୁ ସମ୍ମାନିତ କରାଯାଉଛି।

ହୋଇଥିଲା। ପ୍ରତି ଜଣେ ମଣିଷ ଗୋଟିଏ ଗଛ ଲଗାଇବା, ପ୍ରତ୍ୟେକ ବନ୍ୟ ପ୍ରାଣୀ ଜୀବଙ୍କ ସୁରକ୍ଷା ସମସ୍ତଙ୍କ ସହଯୋଗ ଆବଶ୍ୟକ ରହିଛି। ଏହା ସହିତ ପରିବେଶ ଦୂଷିତ ନ କରିବା, ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାର ନ କରିବା ପାଇଁ ମଧ ପରାମର୍ଶ ଦିଆଯାଇଛି। ବନ୍ୟ ଜନ୍ତୁ ସଂରକ୍ଷଣ ଦିଗରେ ଅଭୂତପୂର୍ବ କାର୍ଯ୍ୟ କରିଥିବା ଯୋଗୁଁ କାଶୀନଗର ବ୍ଲକର ବୁଧରା ପଞ୍ଚାୟତର ସରପଞ୍ଚ ସଞ୍ଜୟ କୁମାର ମିଶ୍ରଙ୍କୁ ବିଜୁ ପଟ୍ଟନାୟକ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବନ ବିଭାଗର ସମସ୍ତ ବନ କର୍ମଚାରୀ ଉପସ୍ଥିତ ଥିଲେ।

## ଶୌର୍ଯ୍ୟ ଜାଗରଣ ଯାତ୍ରା ରଥକୁ ସ୍ୱାଗତ

ରାମଗିରି,୬।୧୦(ବୃନ୍ଦାବନ ଗୌଡ଼)

ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ ଗଜପତି ଜିଲା ଆର.ଉଦୟଗିରି ବ୍ଲକ ରାମଗିରିଠାରେ ଶୌର୍ଯ୍ୟ ଜାଗରଣ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗତ ୧ ତାରିଖରୁ କନ୍ଧମାଳ ଜିଲା ଜଳେଶପେଟା ଆଶ୍ରମରୁ ଏହି ଯାତ୍ରା ଆରମ୍ଭ ହୋଇଥିବା ବେଳେ ବୁଧବାର ଗଜପତି ଜିଲା ଉଦୟଗିରି ସଦର ମହକୁମାରେ ପହଞ୍ଚି ଭବ୍ୟ ସ୍ୱାଗତରେ ରାତ୍ରିଯାପନ କରିଥିଲେ। ଗୁରୁବାର ତାହା ନୂଆଗଡ ବ୍ଲକ ଖଜୁରିପଦାରୁ ବାହାରି ବଡ଼ପଦା, ରାୟଗଡ, ନାରାୟଣପୁର, ଜିରାଙ୍ଗ, ମଣ୍ଡଳସାହି, ଅଟାରାଜ କଲୋନୀ ହୋଇ ୫ଟାରେ ରାମଗିରିରେ ପହଞ୍ଚିଥିଲା। ସ୍ଥାନୀୟ ହାଟପଦାଠାରେ ଶତାଧିକ ମହିଳା ଓ ପୁରୁଷ ରଥକୁ ସ୍ୱାଗତ କରିଥିଲେ।

# ବେଗୁନିଆପଡାରେ ନୂତନ ଥାନାଧିକାରୀ

କୋଦଳା,୬।୧୦ (ଅମିତ କୁମାର ପଟ୍ଟନାୟକ)

ବେଗୁନିଆପଡା ଥାନାରେ ନୂତନ ଅଧିକାରୀ ଭାବେ ଗୁରୁବାର ମନୋଜ ମଞ୍ଜରୀ ନାୟକ ଯୋଗ ଦାନ କରିଛନ୍ତି। ଥାନାରେ ଯୋଗଦାନ ପରେ ଏସ୍ ଆଇ ସଂଗ୍ରାମ ଦେହୁରୀ ଏବଂ ଅନ୍ୟ ଷ୍ଟାଫମାନେ ସ୍ୱାଗତ କରିଥିଲେ। ଥାନାରେ ଯୋଗଦାନ ପରେ ଆଇନ ଶୃଙ୍ଖଳାକୁ ଗୁରୁତ୍ୱ ଦିଆଯିବ ବୋଲି କହିଛନ୍ତି। ଏଠାରୁ ପୂର୍ବରୁ ଥିବା ଥାନା



ନୂତନ ଥାନାଧିକାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ।

ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଭୁବନେଶ୍ୱର କମିଶନରେଟକୁ ବଦଳି ପରେ ଏକମାସ ହେଲା ଏହି ପଦ ଖାଲି ପଡିଥିଲା।

# ବନ୍ୟପ୍ରାଣୀ ସପ୍ତାହ ପାଳିତ

ଆସିକା,୬।୧୦(ସୁରେନ୍ଦ୍ର ନାଥ ସାହୁ)

ଆସିକା ବନାଞ୍ଚଳ ପକ୍ଷରୁ ଗୁରୁବାର ଆସିକା ବିଜ୍ଞାନ କଲେଜରେ ୬୯ତମ ବନ୍ୟପ୍ରାଣୀ ସପ୍ତାହ ପାଳନ କରାଯାଇଥିଲା । କଲେଜ ଅଧକ୍ଷ ଡ. ଜିବାନନ୍ଦ ତ୍ରିପାଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆସିକା ଏମପି ପ୍ରମିଳା ବିଷୋୟୀ ଓ ବିଧାୟିକା ମଞ୍ଜୁଳା ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ବିନୋଦ କୁମାର ଆଚାର୍ଯ୍ୟ, ସହକାରୀ ବନ ସଂରକ୍ଷକ ରଜତ ମିଶ୍ର, ପୂର୍ବତନ ବନ୍ୟାପ୍ରାଣୀ ତତ୍ତ୍ୱାବଧାରକ ଶୂଳପାଣି ଶତପଥୀ, ବନ୍ୟପ୍ରାଣୀ ବିଶେଷଜ୍ଞ, ଅନୁପମ ବାନାର୍ଜୀ, ଆସିକା ତହସିଲଦାର ସଞ୍ଜୟ କୁମାର ସାମନ୍ତରା, କୃଷ୍ଣସାର ମୃଗ ସୁରକ୍ଷା ସମିତିର ସଭାପତି ଅମୂଲ୍ୟ କୁମାର ଉପାଧ୍ୟାୟ ପ୍ରମୁଖ ଯୋଗଦେଇଥିଲେ । ବନାଞ୍ଚଳ ଅଧିକାରୀ ପ୍ରମୋଦ କୁମାର ପଣ୍ଡାଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମହାବିଦ୍ୟାଳୟର ଛାତ୍ରୀଛାତ୍ର ପରିବେଶ ଓ ବନପ୍ରାଣୀଙ୍କ ସୁରକ୍ଷା ପାଇଁ ସଂକଳ୍ପବଦ୍ଧ ହେବାକୁ ଆହ୍ୱାନ କରାଯାଇଥିଲା । ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଏକ ଶୋଭାଯାତ୍ରା କଲେଜ ଛକ ଅଞ୍ଚଳରେ ପରିକ୍ରମା କରିଥିଲା ।

## ମା’ ବରାଳ ଦେବୀଙ୍କ ମହାନବମୀ ପୂଜା ପ୍ରସ୍ତୁତି ବୈଠକ



ପ୍ରସ୍ତୁତି ବୈଠକରେ ଉପସ୍ଥିତ କର୍ମକର୍ତ୍ତା ।

ଖଜୁରିପଡ଼ା,୬।୧୦(ବିଦୁର ବେହେରା)

କନ୍ଧମାଳ ଜିଲାର ଅଧିଷ୍ଠାତ୍ରୀ ଦେବୀ ମା’ ବରାଳ ଦେବୀଙ୍କ ମହାନବମୀ ପୂଜା ଏବଂ ଦଶହରା ପୂଜା ପାଇଁ ଗୁରୁବାର ମନ୍ଦିର ପରିଚାଳନା କମିଟିର ସଭାପତି ଚିତ୍ତରଞ୍ଜନ ପ୍ରଧାନଙ୍କ ଅଧକ୍ଷତାରେ ପ୍ରସ୍ତୁତି ବୈଠକ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ତହସିଲଦାର ଭିକାରୀ ସାହୁ, ରାଜସ୍ୱ ନିରୀକ୍ଷକ ଅଧିକାରୀ ଜୟନ୍ତ କୁମାର ସାହୁ, ଥାନା ଅଧିକାରୀ ଗେଲି କୁମାରୀ ସାହୁ, ପୂର୍ବତନ ଅଧକ୍ଷ ବିରେନ୍ଦ୍ର କୁମାର କହଁର ସମେତ ସେବାୟତ ନଟବର ନାୟକ, ଦିଲ୍ଲୀପ ଦଳ ବେହେରା, ଉଦ୍ଧବ ବିଷୋୟୀ, ସାମାଜିକ କର୍ମୀ ବଳଦେବ ବେହେରା, ଗୌର ଚରଣ ବେହେରା, ବିଦୁର ବେହେରା ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ବୈଠକରେ ଚଳିତ ବର୍ଷ ମହାନବମୀ ଏବଂ ଦଶହର ପୂଜା କରିବା ନିମନ୍ତେ ଅଟକଳ ପ୍ରସ୍ତୁତି କରାଗଲା। ଶାନ୍ତି ଶୃଙ୍ଖଳାରେ ଯାତ୍ରା ସମ୍ପାଦନ କରିବା ପାଇଁ ନିଷ୍ପତ୍ତି ନିଆଗଲା। ପୁରୋହିତ ନାରାୟଣ ଆଚାର୍ଯ୍ୟ ମା’ଙ୍କ ପୂଜା ପାଇଁ ଶୁଭ ସମୟ ନିର୍ଘଣ୍ଟ ବିଧି ବିଧାନ ଉପସ୍ଥାପନ କରିଥିଲେ। ସମ୍ପାଦକ ସଞ୍ଜୟ କୁମାର୍ କହଁର ବୈଠକର ଅଧିବେଶନ ପଠନ କରିଥିଲେ।

# ବିଜେଡିର ଜନସମ୍ପର୍କ ପଦଯାତ୍ରା

ଛତ୍ରପୁର/ଧରାକୋଟ/ପାରଳାଖେମୁଣ୍ଡି, (ଦିଲୀପ ସାମଲ/ବିଷ୍ଣୁକେଶରୀ ଆଚାର୍ଯ୍ୟ /ଗିରିଧାରୀ ପରିଚ୍ଛା) ୬।୧୦:

ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ୨୧ନଂ ଜିଲାପରିଷଦ ଜୋନ ଅଧୀନ ବିପୁଲିଙ୍ଗି ପଞ୍ଚାୟତରେ ଶୁକ୍ରବାର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ପଦଯାତ୍ରାରେ ଛତ୍ରପୁର ଏନଏସି ଉପାଧକ୍ଷ ଜି. ପାପା ରାଓ, ଛତ୍ରପୁର ବ୍ଲକ ବିଜେଡି ସଭାପତି ପ୍ରବାସୀ ପ୍ରଧାନ, ଯୁବନେତା ବିମଳ କୁମାର ପଣ୍ଡା, କିଶୋର ବେହେରା, ସୁରେଶ ଦାଶ ଓ ସୁଧୀର କୁମାର ପାଢ଼ି, ଯୁବ ବିଜେଡି ଛତ୍ରପୁର ନିର୍ବାଚନ ମଣ୍ଡଳୀ ସଭାପତି ସନମୁଖ ପଟ୍ଟନାୟକ, କାଉନସିଲର ଦେବାଶିଷ ମିଶ୍ର, ଶ୍ରୀରାମଚନ୍ଦ୍ରପୁର ସମିତି ସଭ୍ୟ ଏସ.ଚକ୍ରପାଣି ରେଡ୍ଡୀ, ଯୁବ ବିଜେଡି ସଭାପତି କାଳିଆ ନାହାକ, ଉପସଭାପତି କାହ୍ନୁଚରଣ ବେହେରା, ଛତ୍ରପୁର ନଗର ବିଜେଡି ଉପସଭାପତି ଅଟଳ ବିହାରୀ ପଟ୍ଟନାୟକ, ବିପୁଲିଙ୍ଗି ସରପଞ୍ଚ ହୀନା



ସେଠୀ, ଲକ୍ଷ୍ମଣ ସେଠୀ, କାମରାଜୁ ଖୁଣ୍ଟିଆ, ପୂର୍ବତନ ବ୍ଲକ ଅଧକ୍ଷ ଭଗବାନ ବେହେରା, ପୋଟ୍ଟଲାମପୁର ସରପଞ୍ଚ ନିରଞ୍ଜନ ପ୍ରଧାନ, ସମିତିସଭ୍ୟ ଶମ୍ଭୁନାଥ ସ୍ୱାଇଁ, ଟାଙ୍ଗଣାପଲ୍ଲୀ ସରପଞ୍ଚ ବି.ସୁଦାମ, ଚିକଲଖଣ୍ଡି ପଞ୍ଚାୟତର ବିଜେଡି ଯୁବନେତା ଅଭିରାମ ପ୍ରଧାନ, ସନ୍ତୋଷ କୁମାର ବେହେରା ଓ ଟିଙ୍କିନା ଗୌଡଙ୍କ ସମେତ ବହୁ ଦଳୀୟ ନେତା ଓ କର୍ମୀ ସାମିଲ ହୋଇ ରାଜ୍ୟ ସରକାରଙ୍କ ସଫଳତା ଓ କେନ୍ଦ୍ରର ଲଗାତାର ଅବହେଳା ବାବଦରେ ଲୋକଙ୍କୁ ସଚେତନ କରାଇଥିଲେ।

ସେହିପରି ଧରାକୋଟ ବ୍ଲକର ୫ ଟି ପଞ୍ଚାୟତରେ ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଛି। ପୂର୍ବତନ ବିଧାୟିକା ନନ୍ଦିନୀ ଦେବୀଙ୍କ ନେତୃତ୍ୱରେ ଧରାକୋଟ, ମୁଣ୍ଡମରାଇ, ଶରଧାପୁର, ଡଉଗାଁ, ରେଡ଼ି ଦାମୋଦର ପଲ୍ଲୀ ପଞ୍ଚାୟତରେ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତରାଜ ମନ୍ତ୍ରୀ ପ୍ରଦୀପ ଅମାତ ଯୋଗଦେଇଥିବା ବେଳେ ଜିଲାପରିଷଦ ଅଧକ୍ଷା ଅଞ୍ଜଳି ସ୍ୱାଇଁ, ବ୍ଲକ ଅଧକ୍ଷା ସୁଲକ୍ଷଣା ଗୀତାଞ୍ଜଳି, ଜିଲା ପରିଷଦ ସଭ୍ୟ ପ୍ରତାପ ସ୍ୱାଇଁ, ଟୁକୁନା ଗୌଡ଼ ଉପସ୍ଥିତ ଥିଲେ। ସାନଖେମୁଣ୍ଡି ନିର୍ବାଚନ ମଣ୍ଡଳୀର ଯୁବ ସଭାପତି ଲିଟୁ ଭୂୟାଁ, ସଂଗଠକ ଶିବଶଙ୍କର ପାତ୍ର, ପୂର୍ବତନ ସରପଞ୍ଚ ଦିଲୀପ କୁମାର ସ୍ୱାଇଁ, ବ୍ଲକ ଉପାଧକ୍ଷ ମନୋଜ ସାହୁ ଯୋଗ ଦେଇଥିଲେ।

ସେହିପରି ଗଜପତି ଜିଲା ଗୋଷାଣି ବ୍ଲକରେ ବିଜେଡିର ଜନସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇଛି। କେରାଣ୍ଡି ପଞ୍ଚାୟତର ବି.ସୀତାପୁର ଗ୍ରାମରୁ ପଦଯାତ୍ରା ଆରମ୍ଭ ହୋଇଥିଲା। ଜିଲା ବିଜେଡି ସଭାପତି ଜଗବନ୍ଧୁ ଦାସ, ଜିଲାପରିଷଦ ଅଧକ୍ଷ ଜି. ତିରୁପତି ରାଓ, ଯୁବ ବିଜେଡି ସଭାପତି ଏସ.ଲିଙ୍ଗରାଜୁ, ଗୋଷାଣି ବ୍ଲକ ଅଧକ୍ଷ ଏନ.ବୀରରାଜୁ, ଯୁବନେତା ଇଂ.ରୂପେଶ ପାଣିଗ୍ରାହୀ, ରାଜ୍ୟ ବିଜେଡି ସମ୍ପାଦକ ପ୍ରଦୀପ ନାୟକ, ବସନ୍ତ ଦାସ, ଜିଲା ଉପସଭାପତି ଲକ୍ଷ୍ମୀକାନ୍ତ ପରିଚ୍ଛା, ଆର୍‌ଏମ୍‌ସି ସଭାପତି ଏସ. ଗଜପତି ରାଓ, ଜିଲପରିଷଦ ଜୋନ ନଂ. ୬ର ସଭ୍ୟ ଏସ.ବାଲାରାଜୁ, ଗୋଷାଣି ବ୍ଲକ ବିଜେଡି ସଭାପତି ସିଏଚ. ଈଶ୍ୱର ରାଓ, ବ୍ଲକ ବିଜେଡି ଯୁବମୋର୍ଚ୍ଚାର ସଭାପତି ପି.ନାଗେଶ୍ୱର ରାଓ ପ୍ରମୁଖଙ୍କ ସହ ବହୁ ସଂଖ୍ୟାରେ ସରପଞ୍ଚ, ସମିତି ସଭ୍ୟ ଯୋଗଦେଇଥିଲେ।

**ସରପଞ୍ଚଙ୍କ ସମେତ ୫ ନିର୍ଦ୍ଦୋଷ**

ବ୍ରହ୍ମପୁର, (ସୁବାସ ଚନ୍ଦ୍ର ପାଢ଼ୀ): ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସନ୍ଦୀପ କୁମାର ମହାନ୍ତି ଶୁକ୍ରବାର ଏକ ଆକ୍ରମଣ ମାମଲାର ଅଭିଯୁକ୍ତ କୁକୁଡ଼ାଖଣ୍ଡି ବ୍ଲକ ରୋହିଗାଁ ପଞ୍ଚାୟତର ସରପଞ୍ଚ ଓ ତାଙ୍କର ୫ ସହଯୋଗୀଙ୍କୁ ପ୍ରମାଣ ଅଭାବରୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସେମାନେ ରୋହିଗାଁ ସରପଞ୍ଚ ବଶିଷ୍ଠ ଜେନା, ପୂର୍ବତନ ସମିତି ସଭ୍ୟ ବସନ୍ତ ସ୍ୱାଇଁ, ଘନ ଜେନା, ସତ୍ୟବାନ ଜେନା, ବାବୁଲା ଜେନା ଓ ନିଲୁ ଜେନା। ୨୦୨୧ ଅଗଷ୍ଟ ୧୯ ତାରିଖରେ କୁକୁଡ଼ାଖଣ୍ଡି ବ୍ଲକ ଅଫିସ ବନ୍ଧରେ ମାଛ ଚାଷ ପାଇଁ ଦୁଇ ଗୋଷ୍ଠୀ ଝଗଡ଼ା ହୋଇଥିଲା।ରୋହିଗାଁ ପୂର୍ବତନ ସରପଞ୍ଚ ସନାତନ ସଂଗ୍ରାମ ସିଂଙ୍କୁ ତାଙ୍କ ବିରୋଧୀ ଗୋଷ୍ଠୀ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା । ମୁଦାଲାଙ୍କ ପକ୍ଷରୁ କରୁଣାକର ପାଣିଗ୍ରାହୀ ମାମଲା ପରିଚାଳନା କରିଥିଲେ।

## ସଂକ୍ଷେପରେ

### ପ୍ରତ୍ୟେକ୍ଷଦର୍ଶୀଙ୍କ ବୟାନ ରେକର୍ଡ

**ସୌରା ପାହାଡ଼ ଡବଲ ମର୍ଡର ମାମଲା**

ବ୍ରହ୍ମପୁର,୬।୧୦(ସୁବାସ ଚନ୍ଦ୍ର ପାଢ଼ୀ)

ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ପାଲଝାଡ଼ି ଗ୍ରାମର ସୁଦର୍ଶନ ସୁଅରେ ଓ ସୁଧୀର ପାତ୍ରଙ୍କୁ ଗତ ଏପ୍ରିଲ ୨୩ ତାରିଖରେ ସୌରା ପାହାଡ଼ ନିକଟରେ ସଂଘବଦ୍ଧ ଭାବେ ହତ୍ୟା ହୋଇଥିଲା। ଉକ୍ତ ମାମଲାର ପ୍ରତ୍ୟେକ୍ଷଦର୍ଶୀ ଥିବା ଭୀଷ୍ମଗିରିର ବିଷ୍ଣୁ ପୂଜାରୀ ବ୍ରହ୍ମପୁର ଅତିରିକ୍ତ ଜିଲା ଦୌରା ଜଜ-୩ କୋର୍ଟରେ ହାଜର ହୋଇଥିଲେ। ସେ ଯାହାସବୁ ଦେଖିଥିଲେ କୋର୍ଟରେ ବୟାନ ଦେଇଛନ୍ତି। ଉକ୍ତ ବୟାନକୁ ରେକର୍ଡ କରାଯାଇଥିବା ସରକାରଙ୍କ ପକ୍ଷରୁ ମକଦ୍ଦମା ପରିଚାଳନା କରୁଥିବା ଏପିପି ରଜତ କୁମାର ଦାଶ ସୂଚନା ଦେଇଛନ୍ତି। ଘଟଣାରୁ ପ୍ରକାଶ ଯେ, ଗତ ପଞ୍ଚାୟତ ନିର୍ବାଚନରେ ପାଲଝାଡ଼ି ଗ୍ରାମର ପ୍ରଶାନ୍ତ ଗୌଡ଼ଙ୍କ ସ୍ତ୍ରୀ ପରାଜିତ ହୋଇଥିଲେ। ଗ୍ରାମର ସୁଦର୍ଶନ ଓ ସୁଧୀରଙ୍କ ବିରୋଧ ଯୋଗୁ ତାଙ୍କ ସ୍ତ୍ରୀ ପରାଜିତ ହୋଇଥିଲେ ବୋଲି ପ୍ରଶାନ୍ତ ସନ୍ଦେହ କରିଥିଲେ। ଉଭୟଙ୍କୁ ହତ୍ୟା କରିବା ପାଇଁ ସେ କେତେଜଣ ସୁପାରି କିଲର ସହାୟତାରେ ଯୋଜନା କରିଥିଲେ। ଗତ ଏପ୍ରିଲ ୨୩ରେ ସୁଦର୍ଶନ ଓ ସୁଧୀର ପନ୍ନାଡ଼ ଗ୍ରାମରୁ ବାଇକରେ ଗ୍ରାମକୁ ଫେରୁଥିଲେ। ସେମାନଙ୍କ ସହ ସିନ୍ଧବା ଗ୍ରାମର ରବି ଚନ୍ଦ୍ର ଗୌଡ଼ ଓ ଭୀଷ୍ମଗିରିର ବିଷ୍ଣୁ ପୂଜାରୀ ମଧ୍ୟ ଅନ୍ୟ ଏକ ବାଇକରେ ଆସୁଥିଲେ। ସୌରାପାହାଡ଼ ନିକଟରେ ସନ୍ଧ୍ୟାରେ ସୁଦର୍ଶନ ଓ ସୁଧୀରଙ୍କୁ ପ୍ରଶାନ୍ତ ଓ ତାଙ୍କ ସହଯୋଗୀମାନେ ସଂଘବଦ୍ଧ ଭାବେ ଆକ୍ରମଣ କରି ହତ୍ୟା କରିଥିଲେ। ଏନେଇ ସୁଦର୍ଶନଙ୍କ ସ୍ତ୍ରୀ'ଙ୍କ ଅଭିଯୋଗକ୍ରମେ ଦିଗପହଣ୍ଡି ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ପରେ ପର୍ଯ୍ୟାୟକ୍ରମେ ମୁଖ୍ୟ ଅଭିଯୁକ୍ତ ପ୍ରଶାନ୍ତ ଓ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ମାମଲାରେ ମୋଟ ୪୬ ଜଣ ସାକ୍ଷୀ ରହିଥିବା ବେଳେ ୧୮ ତମ ସାକ୍ଷୀ ଭାବେ ପ୍ରତ୍ୟେକ୍ଷଦର୍ଶୀ ବିଷ୍ଣୁ କୋର୍ଟରେ ବୟାନ ଦେଇଛନ୍ତି।

### ରେଳଫାଟକ ଭାଙ୍ଗିବା ମାମଲା, ଅଭିଯୁକ୍ତ ଦୋଷୀ

ବ୍ରହ୍ମପୁର,୬।୧୦(ସୁବାସ ଚନ୍ଦ୍ର ପାଢ଼ୀ)

ଜେଏମଏଫସି (ଏଲଆର) ସନ୍ଦୀପ କୁମାର ମହାନ୍ତି ଶୁକ୍ରବାର ଏକ ଲେଭଲ କ୍ରସିଂରେ ଲାଗିଥିବା ରେଳଫାଟକ ଭାଙ୍ଗିବା ମାମଲାର ବିଚାର କରିଛନ୍ତି। ଉପଯୁକ୍ତ ପ୍ରମାଣ ମିଳିଥିବାରୁ ଅଭିଯୁକ୍ତ ହିଞ୍ଜିଳିକାଟୁ ଥାନା ଅନ୍ତର୍ଗତ ଅଙ୍କରଡ଼ା ଗ୍ରାମର ଜୁମର ବେହେରାଙ୍କୁ ସେ ଦୋଷୀ ସାବ୍ୟସ୍ତ କରିଛନ୍ତି। ଅଭିଯୁକ୍ତ ଜଣଙ୍କ ପ୍ରଥମ ଥର ପାଇଁ ଏହି ଭୁଲ କରିଥିବାରୁ ଜେଏମଏଫସି ତାଙ୍କୁ ତାଗିଦ କରିବା ସହ ୩ଟି ସର୍ତ୍ତ ଓ ଦୁଇ ହଜାର ଟଙ୍କାର ମୁଚାଲିକାରେ ଛାଡ଼ିଛନ୍ତି। ପ୍ରକାଶ ଯେ, ୨୦୨୧ ଏପ୍ରିଲ ୧୪ରେ ଜୁମର ଏକ ମିନି ଟ୍ରକ (ଓ ଆର ୦୫ସି - ୬୦୬୫) ନେଇ ଯାଉଥିବା ବେଳେ ଜଗନ୍ନାଥପୁର ରେଳଧାରଣା ନିକଟ ରେଳଫାଟକକୁ ଧକ୍କା ଦେଇଥିଲେ। ଫଳରେ ଫାଟକଟି ଭାଙ୍ଗି ଯାଇଥିଲା। ଏଥିପାଇଁ ରେଳ ଚଳାଚଳ ପ୍ରଭାବିତ ହୋଇଥିଲା। ରେଳସୁରକ୍ଷା ବଳ ଟ୍ରକ ଡ୍ରାଇଭର ଜୁମରଙ୍କୁ ଗିରଫ କରିବା ସହ ଟ୍ରକ ଜବତ କରିଥିଲା। ମାମଲାର ବିଚାର ବେଳେ ୪ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଉକ୍ତ ବୟାନକୁ ଆଧାର କରି ଜେଏମଏଫସି ରାୟ ପ୍ରକାଶ କରିଛନ୍ତି। ସରକାରଙ୍କ ପକ୍ଷରୁ ଏପିପି ସୁନୀଲ କୁମାର ମକଦ୍ଦମା ପରିଚାଳନା କରିଥିଲେ।

# ମଣ୍ଡପରେ ହୁଏ ନବରାତ୍ର ପୂଜା

ବ୍ରହ୍ମପୁର,୬।୧୦(ସ୍ମୃତି ରଞ୍ଜନ ମହାଲିକ)

ବ୍ରହ୍ମପୁର ସହରରେ ଶାରଦୀୟ ଦୁର୍ଗା ପୂଜା ଲାଗି ପ୍ରସ୍ତୁତି ଜୋରଦାର ଚାଲିଛି। ପ୍ରତ୍ୟେକ ପୂଜା କମିଟିରେ ମେଢ, ମୂର୍ତ୍ତି ଓ ତୋରଣ ସାଜସଜା ରାଜ୍ୟ ତଥା ରାଜ୍ୟ ବାହାର କାରିଗରଙ୍କ ଦ୍ୱାରା କରାଯାଉଛି। ମହାଳୟାଠାରୁ ନବରାତ୍ର ପୂଜା ପୂଜା ଆରମ୍ଭ ହେବ। ଭିକ୍ଟୋରିଆ ମାର୍କେଟ ଦୁର୍ଗା ପୂଜା କମିଟି (ଗିରି ମାର୍କେଟ) ସହରରେ ପ୍ରଥମ କରି ନବରାତ୍ର ପୂଜା ଆରମ୍ଭ






ମୂର୍ତ୍ତି ନିର୍ମାଣରେ ବ୍ୟସ୍ତ କାରିଗର।

କରିଥିଲା। ୧୯୫୬ରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା ଆରମ୍ଭ ହୋଇଥିଲା। କମିଟି ପକ୍ଷରୁ ଗୋପିନାଥ ମହାରଣା, ରାମକୃଷ୍ଣ ମହାରଣା, ରାମଚନ୍ଦ୍ର ମହାରଣା, ଭକ୍ତ ଚରଣ ମହାରଣା, ମୋହନ ମହାରଣା, କ୍ଷେତ୍ରବାସୀ ମହାରଣା ଓ ନିମେଇ ଦଳେଇ ମିଳିତ ଭାବେ ପୂଜା କାର୍ଯ୍ୟ ଆରମ୍ଭ କରିଥିଲେ। ପୂର୍ବରୁ ମୂର୍ତ୍ତିର ଉଚ୍ଚତା ୭ ଫୁଟ ରହିଥିଲା। ଏବେ ୧୦ ଫୁଟ ଉଚ୍ଚତା ବିଶିଷ୍ଟ ମୂର୍ତ୍ତି ନିର୍ମାଣ କରାଯାଉଛି। କୋଲକତା କାରିଗରଙ୍କ ଦ୍ୱାରା ମୂର୍ତ୍ତି ନିର୍ମାଣ କରାଯାଉଛି। ସେହିପରି ପ୍ରତିବର୍ଷ ଜରି ମେଢ ନିର୍ମାଣ କରାଯାଉଛି। ଯାହାକୁ କମିଟି ସଦସ୍ୟ ବିନା ମଜୁରୀରେ ନିର୍ମାଣ କରୁଛନ୍ତି। ଏହାର ଉଚ୍ଚତା ୧୪ ଫୁଟ ରହିଥିବା ବେଳେ ଓସାର ୧୫ ଫୁଟ ରହିଛି। ମଣ୍ଡପରେ ନବରାତ୍ର ପୂଜା ପରମ୍ପରା ରହିଥିବା କମିଟି ପକ୍ଷରୁ କୁହାଯାଇଛି। ଏଠାରେ ପୂଜା ପାଉଥିବା ମା'ଙ୍କ ମୃଣ୍ମୟ ମୂର୍ତ୍ତିଙ୍କ ନିକଟରେ କୌଣସି ମାନସିକ ରଖିଲେ ପୂରଣ ହୋଇଥାଏ ବୋଲି ସହରବାସୀଙ୍କ ବିଶ୍ୱାସ ରହିଛି। ମା'ଙ୍କ ପାଖରେ ୯ ଦିନ ଧରି ଅନ୍ନ ଭୋଗ କରାଯିବ ବୋଲି କମିଟିର ସଦସ୍ୟ ଜୟ ମହାରଣା କହିଛନ୍ତି। ସାଂସ୍କୃତିକ କାର୍ଯ୍ୟକ୍ରମ ଅପେକ୍ଷା ରୀତିନୀତିରେ ପୂଜାକୁ ଅଧିକ ଗୁରୁତ୍ୱ ଦିଆଯାଉଥିବା କମିଟି ପକ୍ଷରୁ କୁହାଯାଇଛି।

**ଭିକ୍ଟୋରିଆ ମାର୍କେଟ ଦୁର୍ଗାପୂଜା କମିଟି**

ଭିକ୍ଟୋରିଆ ମାର୍କେଟ ଦୁର୍ଗା ପୂଜା କମିଟି ୨୦୦୫ରେ ସୁବର୍ଣ୍ଣ ଜୟନ୍ତୀ ପାଳନ କରିଛି। ବର୍ତ୍ତମାନ କମିଟି ପକ୍ଷରୁ ମନମୋହନ ଦଳେଇ, ପଦ୍ମ ମହାରଣା, ଲିଙ୍ଗରାଜ ମହାରଣା ଓ କୁନା ମହାରଣା ପ୍ରମୁଖ ପୂଜା କାର୍ଯ୍ୟ ପରିଚାଳନାରେ ସହଯୋଗ କରୁଛନ୍ତି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
bmpselfie@gmail.com



@ ସୁମନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ୨୮୨.୬୧ କୋଟି ଖରିଫ କୃଷିଋଣ ଦେଇଛି ବିସିସି ବ୍ୟାଙ୍କ

**ଗଞ୍ଜାମ, ଗଜପତି ଜିଲାର ୬୬,୧୮୭ ଚାଷୀ ଉପକୃତ**

ବ୍ରହ୍ମପୁର, ୬।୧୦ (ନରସିଂହ ସାହୁ)

ବ୍ରହ୍ମପୁର ସମବାୟ କେନ୍ଦ୍ର (ବିସିସି) ବ୍ୟାଙ୍କ ଚଳିତ ୨୦୨୩ ଖରିଫ ଚାଷ ନିମନ୍ତେ ଗଞ୍ଜାମ ଓ ଗଜପତି ଜିଲାର ପଞ୍ଜୀକୃତ ଚାଷୀଙ୍କୁ ୨୮୨ କୋଟି ୬୧ ଲକ୍ଷ ୮୮ ହଜାର ଟଙ୍କା କୃଷିଋଣ ଦେଇଛି। ଗତ ଏପ୍ରିଲ ୧ ତାରିଖରୁ ଆରମ୍ଭ ହୋଇଥିବା ଋଣ ଲଗାଣ ସେପ୍ଟେମ୍ବର ୩୦ରେ ସରିଛି। ଖରିଫ ଋତୁରେ ୨୮୦ କୋଟି ଟଙ୍କା ଋଣ ଦେବା ପାଇଁ ସରକାର ଟାର୍ଗେଟ ଦେଇଥିଲେ। ତେବେ ବ୍ୟାଙ୍କ ପକ୍ଷରୁ ଅଧିକ ୨.୬୧ କୋଟି ଦିଆଯାଇ ରେକର୍ଡ ସୃଷ୍ଟି ହୋଇଛି। ଉଭୟ ଜିଲାରେ ଥିବା ୧୭ ବ୍ୟାଙ୍କ ଜରିଆରେ ଋଣ ଦିଆଯାଇଛି। ୬୬ ହଜାର ୧୮୭ ଚାଷୀ ଉପକୃତ ହୋଇଛନ୍ତି।

ବ୍ୟାଙ୍କର ବ୍ରହ୍ମପୁର ମୁଖ୍ୟାଳୟ ସୂତ୍ରରୁ ମିଳିଥିବା ତଥ୍ୟ ପ୍ରକାରେ ଗଞ୍ଜାମ ଜିଲାର ଦିଗପହଣ୍ଡି, ଚିକିଟି, ପାତ୍ରପୁର, ରଙ୍ଗେଇଲୁଣ୍ଡା, ବିଜିପୁର, କୁକୁଡ଼ାଖଣ୍ଡି, ସମରଝୋଳ, ହିଞ୍ଜିଳି, ପୁରୁଷୋତ୍ତମପୁର, ଛତ୍ରପୁର, ରମ୍ଭା, ଖଲ୍ଲିକୋଟ, ବେଗୁନିଆପଡ଼ା ଏହି ୧୩ ଶାଖା ବ୍ୟାଙ୍କ ମାଧ୍ୟମରେ ୨୦୨ କୃଷି ସମବାୟ ସୋସାଇଟି ଅଧିନ ୫୬୦୯୪ ଚାଷୀଙ୍କୁ ୨୩୦ କୋଟି ୧୭ ଲକ୍ଷ ୩୦ ହଜାର ଟଙ୍କା ଋଣ ଦିଆଯାଇଛି। ସେହିପରି ଗଜପତି ଜିଲାର ପାରଳାଖେମୁଣ୍ଡି, କାଶୀନଗର, ଆର.ଉଦୟଗିରି ଓ ଗାରାବନ୍ଧ ଶାଖା ବ୍ୟାଙ୍କ ମାଧ୍ୟମରେ ୫୦ ସୋସାଇଟିର ୧୦୦୯୩ ଚାଷୀଙ୍କୁ ୫୨ କୋଟି ୪୪ ଲକ୍ଷ ୫୮ ହଜାର ଟଙ୍କା କୃଷିଋଣ ଦିଆଯାଇଛି।

ସୂଚନାନୁସାରେ ବିସିସି ବ୍ୟାଙ୍କ ସବୁବର୍ଷ ଚାଷୀଙ୍କୁ ଖରିଫ ଓ ରବି ଫସଲ ନିମନ୍ତେ କୃଷି ଋଣ ବହୁଳ ପରିମାଣରେ ଲଗାଣ କରାଯାଉଛି। ଗତବର୍ଷ ଅନୁଷ୍ଠିତ ସମବାୟ ନିର୍ବାଚନରେ ନିର୍ବାଚିତ ପରିଚାଳନା ବୋର୍ଡ ୧୫ ନିର୍ଦ୍ଦେଶିକା ଓ ନିର୍ଦ୍ଦେଶକ ଭାବେ ନିୟମାନୁସାରେ ୧୫ ଜଣ ନିର୍ବାଚିତ ହୋଇଥିଲେ। ତନ୍ମଧ୍ୟରୁ ଅଧିକାଂଶ ଶାସକ ବିଜେଡିର ସମର୍ଥକ ହୋଇଥିବାରୁ ଅପ୍ରତିଦ୍ୱନ୍ଦ୍ୱୀ ଭାବେ ଶିବରାମ ପାତ୍ର ସଭାପତି ହୋଇଛନ୍ତି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ପ୍ରକାରେ କୃଷି କାର୍ଯ୍ୟକ୍ରମ ଏବଂ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ବିଭିନ୍ନ ଭାବରେ ଉତ୍ସାହିତ କରାଯାଉଛି। ଋଣ ଆଦାୟକୁ ମଧ୍ୟ କଡ଼ାକଡ଼ି କରାଯାଉଥିବା କୁହାଯାଇଛି। ଗତ ୧ରୁ ଆସନ୍ତା ମାର୍ଚ୍ଚ ମାସ ଶେଷ ସୁଦ୍ଧା ରବି ଫସଲ ନିମନ୍ତେ କୃଷି ଋଣ ଦେବା ପାଇଁ ଖସଡ଼ା ପ୍ରସ୍ତୁତ କରାଯାଇଛି। ଅତୀତରେ ଏହି ବ୍ୟାଙ୍କ ଏକାଧିକଥର ଜାତୀୟ ପୁରସ୍କାର ପାଇଥିବା ନଜିର ଅଛି।

### କେସି ହାଇସ୍କୁଲ ପରିସରରୁ ଘରୋଇ ସ୍କୁଲ ଉଚ୍ଛେଦ ଦାବି

ବ୍ରହ୍ମପୁର,୬।୧୦
(ସ୍ମୃତି ରଞ୍ଜନ ମହାଲିକ/ ତନୁଶ୍ରୀ ନାହାକ)

ଗୋଷାଣୀ ନୂଆଗାଁ କେସି ହାଇସ୍କୁଲ ପରିସରରେ ୨୦୧୭ରୁ ଏକ ଘରୋଇ ସ୍କୁଲ ଚାଲିଛି। ତାହାକୁ ସେଠାରୁ ଉଚ୍ଛେଦ କରିବା ପାଇଁ କେସି ହାଇସ୍କୁଲର ଅଭିଭାବକ ଓ ପୁରାତନ ଛାତ୍ର ତଥା ବୁଦ୍ଧିଜୀବୀମାନେ ଦାବି କରି ଆସୁଛନ୍ତି। ଏ ସମ୍ପର୍କରେ ବ୍ରହ୍ମପୁରର ବିଭିନ୍ନ ସଙ୍ଗଠନ ତରଫରୁ ପ୍ରଶାସନ ନିକଟରେ ପୂର୍ବରୁ ଅଭିଯୋଗ କରାଯାଇଥିଲେ ମଧ୍ୟ ଶିକ୍ଷା ବିଭାଗ ନିରବଦ୍ରଷ୍ଟା ସାଜିଥିବା ଜିଲା ଶିକ୍ଷା ବଞ୍ଚାଅ ଅଭିଯାନ ଅଭିଯୋଗ କରିଛି। ସରକାରଙ୍କ ନିୟମ ଅନୁସାରେ ସରକାରୀ ଶିକ୍ଷାନୁଷ୍ଠାନ ମଧ୍ୟରେ କୌଣସି ବେସରକାରୀ ଅନୁଷ୍ଠାନ ଖୋଲିବା ବେଆଇନ। ହେଲେ କେସି ହାଇସ୍କୁଲରେ କିପରି ଏକ ବେସରକାରୀ ଅନୁଷ୍ଠାନ ଚାଲିଛି ସେ ନେଇ ସଂଘ ପ୍ରଶ୍ନ ଉଠାଇଛି। ରାଜ୍ୟ ସରକାର ଏହାର ଉଚ୍ଚସ୍ତରୀୟ ତଦନ୍ତ କରି ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଗଞ୍ଜାମ ଜିଲା ଶିକ୍ଷା ବଞ୍ଚାଅ ଅଭିଯାନର ସଭାପତି ରବି ରଥ ମୁଖ୍ୟମନ୍ତ୍ରୀ, ଗଣଶିକ୍ଷାମନ୍ତ୍ରୀ ଓ ନିର୍ଦ୍ଦେଶକଙ୍କୁ ଲିଖିତ ଭାବେ ଅଭିଯୋଗ କରିଛନ୍ତି।

### ସ୍ତ୍ରୀଙ୍କ ତଣ୍ଟି ଚିପି ହତ୍ୟା ଅଭିଯୋଗ, ସ୍ୱାମୀ ଗିରଫ

ବ୍ରହ୍ମପୁର,୬।୧୦(ସୁବାସ ଚନ୍ଦ୍ର ପାଢ଼ୀ)



ଗିରଫ ଅଭିଯୁକ୍ତ ।

ସ୍ତ୍ରୀଙ୍କ ତଣ୍ଟି ଚିପି ହତ୍ୟା କରିଥିବା ଅଭିଯୋଗରେ ବଡବଜାର ଥାନା ପୋଲିସ ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରିଛି। ସେ ହେଲେ ଧାନମେରା ସାହିର ନରଶିମା ନାୟକ ଓରଫ ଭିମା (୩୦)। ଶୁକ୍ରବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି।

ଗତ ଅଗଷ୍ଟ ମାସରେ ଭୁବନେଶ୍ୱରୀ ମୁଖୀଙ୍କୁ ନରଶିମା ଅପହରଣ କରି କାଲୁଆ ମନ୍ଦିରରେ ବିବାହ କରିଥିଲେ। ପରେ ସେ ଯୌତୁକ ଦାବିକରି ଭୁବନେଶ୍ୱରୀଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଇଆସୁଥିଲେ। ଭୁବନେଶ୍ୱରୀଙ୍କ ବାପଘର ଆର୍ଥିକ ସ୍ଥିତି ଭଲ ନ ଥିବାରୁ ସେ ଯୌତୁକ ବାବଦ ଟଙ୍କା ଆଣି ପାରୁ ନ ଥିଲେ। ତେଣୁ ସ୍ୱାମୀ, ଶାଶୁ ଓ ନଣନ୍ଦ ମିଶି ନିର୍ଯାତନା ଦେଉଥିଲେ। ଗତ ୩ତାରିଖ ଅପରାହ୍ନରେ ଭୁବନେଶ୍ୱରୀ ରଶି ଲଗାଇ ଆତ୍ମହତ୍ୟା କରିଥିବା ନରଶିମା ତାଙ୍କ ଶ୍ୱଶୁର ଲିଙ୍ଗରାଜ ମୁଖୀଙ୍କୁ ଖବର ଦେଇଥିଲେ। ଲିଙ୍ଗରାଜ ପହଞ୍ଚି ଝିଅ ଘର ଭିତରେ ଝୁଲୁଥିବା ଅବସ୍ଥାରେ ଥିବା ଦେଖିଥିଲେ। ଖବରପାଇ ସେଠାରେ ପୋଲିସ ପହଞ୍ଚିଥିଲା। ଝିଅକୁ ଶାଶୁଘର ଲୋକେ ତଣ୍ଟି ଚିପି ହତ୍ୟା କରିଛନ୍ତି ବୋଲି ବାପା ଅଭିଯୋଗ କରିଥିଲେ। ପୋଲିସ ୩୭୫/୨୩ରେ ଯୌତୁକଜନିତ ହତ୍ୟା ମାମଲା ରୁଜୁ କରିଥିଲା। ମୃତଦେହ ଜବତ କରିବା ସହ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ପଞ୍ଚନାମା କରିଥିଲା। ପରେ ସାଇଣ୍ଟିଫିକ ଟିମ ସହାୟତାରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

# ଗୁରୁକୁଳ ପବ୍ଲିକ ସ୍କୁଲରେ ସ୍ୱାସ୍ଥ୍ୟ ସଚେତନତା



ଶିବିରରେ ଉପସ୍ଥିତ ଛାତ୍ରୀଛାତ୍ର।

ବ୍ରହ୍ମପୁର, ୬।୧୦ (ସ୍ମୃତି ରଞ୍ଜନ ମହାଲିକ)

ଗୁରୁକୁଳ ଇଣ୍ଟରନ୍ୟାଶନାଲ ପବ୍ଲିକ ସ୍କୁଲରେ ସ୍ୱାସ୍ଥ୍ୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ରୋଟାରୀ କ୍ଲବ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ରୂପେ ବରିଷ୍ଠ ଚିକିତ୍ସକ ଛାତି ରୋଗ ଓ ବିଶେଷଜ୍ଞ ପ୍ରଫେସର ଡ ନାରାୟଣ ମିଶ୍ର ଯୋଗ ଦେଇଥିଲେ।

ସେ ବିଦ୍ୟାଳୟର ନବମ ଓ ଦଶମ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ତମାଖୁ ସେବନର ଅପକାରିତା, ପୋଲିଓ ନିରାକରଣ, ଶିଶୁ ସ୍ୱାସ୍ଥ୍ୟ ସଚେତନ, ବିଶୁଦ୍ଧ ଜଳର ବ୍ୟବହାର, ସବୁଜ ପରିବେଶ ଓ ଶିକ୍ଷା ଉପରେ ଆଲୋକପାତ କରିଥିଲେ। ଶିବିରରେ ରୋଟାରୀ କ୍ଲବର ସଂପାଦକ ଭି ଜୟରାମ ରାଜୁ, ବିଦ୍ୟାଳୟର ସଭାପତି ପ୍ରଶାନ୍ତ ମହାପାତ୍ର, ସଂପାଦିକା ଅନୀତା କୁମାରୀ ପାଢ଼ି, ପ୍ରଧାନ ଶିକ୍ଷୟିତ୍ରୀ ମଧୁସ୍ମିତା ପରିଡା ଓ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଓ ଶିକ୍ଷକ ଯୋଗ ଦେଇଥିଲେ।

### ସାମାଜିକ କର୍ମୀଙ୍କ ସ୍ମୃତିଚାରଣ

ବ୍ରହ୍ମପୁର, ୬।୧୦ (ନରସିଂହ ସାହୁ)

ରେଶମ ସହରର ସାମାଜିକ କର୍ମୀ ସ୍ୱର୍ଗତ ନାଗଭୂଷଣ ପଟ୍ଟନାୟକଙ୍କ ଦ୍ୱାଦଶାହରେ ନୀଳକଣ୍ଠେଶ୍ୱର ମନ୍ଦିର ପରିସରରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ବ୍ରହ୍ମପୁର ପୂର୍ବତନ ବିଧାୟକ ଶିବଶଙ୍କର ସାହାଣୀ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ବିଏମସି ମେୟର ସଂଘମିତ୍ରା ଦଳେଇ ଯୋଗଦେଇ ଗରିବର ବନ୍ଧୁ ନାଗଭୂଷଣଙ୍କ ସ୍ମୃତିଚାରଣ କରିଥିଲେ। ରାଜ୍ୟ କାଜୁ ଉନ୍ନୟନ ନିଗମ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ମହାରଣା, ବ୍ରହ୍ମପୁର ପୂର୍ବତନ ପୌରସଂସ୍ଥା ନଗରପାଳ ପି. ଭୀମୁଡୁ, ବିସିସି ବ୍ୟାଙ୍କ ସଭାପତି ଶିବରାମ ପାତ୍ର, ଗଞ୍ଜାମ ଓକିଲ ସଂଘ ସଭାନେତ୍ରୀ ମିନତୀ ରଥ, ବରିଷ୍ଠ ଆଇନଜୀବୀ କପିଳେଶ୍ୱର ପଟ୍ଟନାୟକ, ବିଜେଡି ନେତା ଟି. ଗୋପୀ ଓ ସୁଧୀର ରାଉତଙ୍କ ସମେତ ବାବୁଲା ସାହାଣୀ, ଭୀଷ୍ମାଚାର୍ଯ୍ୟ ଚୌଧୁରୀ, ଟି. କିଶୋର, ସୁରେଶ ତ୍ରିପାଠୀ ପ୍ରମୁଖ ଅମର ଆତ୍ମାର ସଦଗତି କାମନା କରିଥିଲେ।

### ଏମ୍‌କେସିଜିରେ ସବୁ ସମୟରେ ହେବ ଜରୁରୀ ଅସ୍ତ୍ରୋପଚାର

ବ୍ରହ୍ମପୁର,୬।୧୦(ସୁବାସ ଚନ୍ଦ୍ର ପାଢ଼ୀ)

ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲରେ ଏଣିକି ସବୁ ସମୟରେ ଅସ୍ତ୍ରୋପଚାର ହୋଇପାରିବ। ଯଦି ଅସ୍ତ୍ରୋପଚାର ପାଇଁ ମନା କରାଯିବ ତା'ହେଲେ ଡାକ୍ତର ନିର୍ଦ୍ଦିଷ୍ଟ କାରଣ ଲେଖିବେ। କିଛିଦିନ ତଳେ ନିଶ୍ଚେତକ ବିଭାଗ ଡାକ୍ତର ନ ଆସିବାରୁ ଜଣେ ରୋଗୀଙ୍କ ଜରୁରୀ ଅସ୍ତ୍ରୋପଚାର ବନ୍ଦ ହୋଇଥିଲା। ସେହି ଘଟଣାର ତଦନ୍ତ ପରେ ଏଭଳି ନିଷ୍ପତ୍ତି ନିଆଯାଇଛି। ସମସ୍ତ ସର୍ଜରୀ ବିଭାଗ ମୁଖ୍ୟଙ୍କ ସହ ଆଲୋଚନା କରିବା ପରେ ନିଶ୍ଚେତକ ବିଭାଗ ମୁଖ୍ୟ ପ୍ରଫେସର ଡା. ଡିଏନ୍‌ଏସ୍ ଶର୍ମା ଏକ ସର୍କୁଲାର ଜାରି କରିଛନ୍ତି। ପୂର୍ବରୁ ନିର୍ଦ୍ଧାରିତ ହୋଇଥିବା ଏବଂ ଜରୁରୀକାଳିନ ଅସ୍ତ୍ରୋପଚାର ପାଇଁ ପ୍ରାକ୍ ନିଶ୍ଚେତକ ଯାଞ୍ଚ ଜରୁରୀ ବୋଲି ସେ କହିଛନ୍ତି। ଏହି ପରୀକ୍ଷା କାଗଜପତ୍ର ନ ନେଇ ରୋଗୀ ଅସ୍ତ୍ରୋପଚାର ଗୃହ (ଓଟି)କୁ ଯାଇପାରିବେ ନାହିଁ। ଯଦି ରୋଗୀକୁ ଅନ୍ୟ କୋଉଠି ସ୍ଥାନାନ୍ତର କରାଯାଉଛି କିମ୍ବା ଅସ୍ତ୍ରୋପଚାର ସ୍ଥଗିତ କରାଯିବ, ତାହେଲେ ତାହାର କାରଣ ନିଶ୍ଚିତ ଭାବେ ଲେଖିବେ। ଡ୍ୟୁଟିରେ ଥିବା ସର୍ଜିକାଲ ବିଭାଗ ଡାକ୍ତର ଓ ନିଶ୍ଚେତକ ବିଭାଗ ଡାକ୍ତରଙ୍କ ସେଥିରେ ଦସ୍ତଖତ ରହିବ। ଓଟିରେ ଟେବୁଲ ଖାଲି ହେବା ପରେ ରୋଗୀଙ୍କୁ ସେଠାକୁ ପଠାଯିବ। ଓଟି ବାହାରେ ଷ୍ଟ୍ରେଚର କିମ୍ବା ଅନ୍ୟ କୌଣସି ଟେବୁଲରେ ରୋଗୀ ରହିଲେ ସ୍ୱାସ୍ଥ୍ୟବସ୍ଥା ବିଗିଡ଼ିବା ଆଶଙ୍କା ରହିଛି। ସମସ୍ତ ସର୍ଜିକାଲ ବିଭାଗ ଏହି ସର୍କୁଲାରକୁ କାର୍ଯ୍ୟକାରୀ କରି ସହଯୋଗ କରିବାକୁ ଡା. ଶର୍ମା ଅନୁରୋଧ କରିଛନ୍ତି। ଏମକେସିଜି ଅଧୀକ୍ଷକ ପ୍ରଫେସର ଡା.ସୁଚିତ୍ରା ଦାଶ କହିଛନ୍ତି, ଡାକ୍ତରଖାନାରେ ୨୪ଘଣ୍ଟିଆ ଅସ୍ତ୍ରୋପଚାର ହୋଇପାରିବ। ଯଦି କିଛି ସମସ୍ୟା ରହିଛି ତାହେଲେ ରୋଗୀ ଅଭିଯୋଗ କରିପାରିବେ। ଏମକେସିଜି ରେଜିଷ୍ଟ୍ରାର ସଂଗ୍ରାମ ପଣ୍ଡା କହିଛନ୍ତି, ରୋଗୀଙ୍କ ଉପରେ କୌଣସି ପ୍ରକାରେ ଅବହେଳା ବରଦାସ୍ତ ହେବ ନାହିଁ। ଯେଉଁମାନେ କର୍ତ୍ତବ୍ୟରେ ଅବହେଳା କରିବେ କାର୍ଯ୍ୟାନୁଷ୍ଠାନ ହେବ।

# ଅବକାରୀ ଗୋଇନ୍ଦା ବିଭାଗରେ କର୍ମଚାରୀ ମରୁଡ଼ି

ବ୍ରହ୍ମପୁର,୬।୧୦(ସୁବାସ ଚନ୍ଦ୍ର ପାଢ଼ୀ)

- ୨ ଇନ୍ସପେକ୍ଟର ସମେତ ଏକାଧିକ ପଦବୀ ଖାଲି
- ୫୦ ଜଣଙ୍କ ଜାଗାରେ ଅଛନ୍ତି ୩୨

ବ୍ରହ୍ମପୁରରେ ଥିବା ଦକ୍ଷିଣାଞ୍ଚଳ ଅବକାରୀ ଗୋଇନ୍ଦା ବିଭାଗରେ କର୍ମଚାରୀ ମରୁଡ଼ି ଦେଖାଦେଇଛି। ପୂର୍ବରୁ ଏଠାରେ କାର୍ଯ୍ୟରତ ୨ଜଣ ଇନ୍ସପେକ୍ଟରଙ୍କ ମଧ୍ୟରୁ ହୃଦୟ ଚନ୍ଦ୍ର ସାମନ୍ତ ଗତ ଜୁଲାଇ ୩୧ ତାରିଖରେ ସ୍ୱେଚ୍ଛାକୃତ ଅବସର ଗ୍ରହଣ କରିଥିଲେ। ଅନ୍ୟପକ୍ଷରେ ଇନ୍ସପେକ୍ଟର ଗୀତାଞ୍ଜଳି ସାହୁ ଓ ସବ୍‌ଇନ୍ସପେକ୍ଟର ଡ. ଅଶୋକ ସାହୁଙ୍କ ବିରୋଧରେ ଆସିଥିବା ଅଭିଯୋଗର ବିଭାଗୀୟ ତଦନ୍ତ ପରେ ପ୍ରମାଣ ମିଳିଥିବାରୁ ଅବକାରୀ କମିଶନର ସେମାନଙ୍କୁ ଗତ ୩୦ ତାରିଖରେ କାର୍ଯ୍ୟରୁ ନିଲମ୍ବନ କରିଛନ୍ତି। ଉଭୟଙ୍କୁ କଟକ ମୁଖ୍ୟାଳୟକୁ ସ୍ଥାନନ୍ତର କରାଯାଇଥିବା ଅବକାରୀ ବିଭାଗ ଡେପୁଟି କମିଶନର ଡମ୍ବରୁଧର ଖଣ୍ଡା ସୂଚନା ଦେଇଛନ୍ତି। ଏ ପର୍ଯ୍ୟନ୍ତ ବ୍ରହ୍ମପୁରରେ ଥିବା ଅବକାରୀ ଗୋଇନ୍ଦା ସଂସ୍ଥାରେ କୌଣସି ଇନ୍ସପେକ୍ଟରଙ୍କୁ ନିଯୁକ୍ତି ଦିଆଯାଇନାହିଁ। ସେହିପରି ଥାନାରେ କର୍ମଚାରୀ ଅଭାବ ଯୋଗୁ ଦୈନନ୍ଦିନ କାମ ସମ୍ପାଦନରେ ନାନା ଅସୁବିଧା ହେଉଛି।

ବ୍ରହ୍ମପୁରରେ ଥିବା ଦକ୍ଷିଣାଞ୍ଚଳ ଅବକାରୀ ଗୋଇନ୍ଦା ସଂସ୍ଥା ଅଧୀନରେ ବ୍ରହ୍ମପୁର, ଗଞ୍ଜାମ, ଗଜପତି, କନ୍ଧମାଳ, ରାୟଗଡା, କୋରାପୁଟ, ମାଲକାନଗିରି, ନବରଙ୍ଗପୁର ଓ କଳାହାଣ୍ଡି ରହିଛି। ଦକ୍ଷିଣାଞ୍ଚଳ ରେଞ୍ଜରେ ଦିନକୁ ଦିନ ନକଲି ମଦ, ଗଞ୍ଜେଇ, ବ୍ରାଉନସୁଗାର ଭଳି ନିଶା କାରବାର ବଢ଼ିବାରେ ଲାଗିଛି। ଏଥିରେ ରୋକ ଲଗାଇବା ପାଇଁ ଅବକାରୀ ଗୋଇନ୍ଦା ସଂସ୍ଥା ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରିଥାଏ। କିନ୍ତୁ ଆବଶ୍ୟକ ଭିତ୍ତିଭୂମି ଅଭାବ ଓ କର୍ମଚାରୀ ମରୁଡ଼ି ଥାନା କାର୍ଯ୍ୟରେ ବାଧା ସୃଷ୍ଟି କରିଛି। ୮ଟି ଜିଲାକୁ ସମ୍ଭାଳୁଥିବା ଏହି ସଂସ୍ଥାରେ କେବଳ ୪ଜଣ ମହିଳା କନଷ୍ଟେବଲ ଓ ଜଣେ ମହିଳା ଏସଆଇ ରହିଛନ୍ତି। ତଥାପି ଥାନା ଚାଲିଛି। ଦକ୍ଷିଣାଞ୍ଚଳ ରେଞ୍ଜ ଅବକାରୀ ଗୋଇନ୍ଦା ସଂସ୍ଥାରେ ମୋଟ ୫୦ଟି ପଦବୀ ମଞ୍ଜୁର ହୋଇଥିବା ବେଳେ ତନ୍ମଧ୍ୟରୁ ୩୨ ଜଣ ଅଛନ୍ତି। ୧୮ଟି ପଦବୀ ଖାଲି ପଡ଼ିଛି। ପଦବୀ ଗୁଡିକ ପୂରଣ ନ ହେଲେ ଆଗକୁ ନାନା ସମସ୍ୟା ହେବ ବୋଲି କୁହାଯାଉଛି। । ଉକ୍ତ ସଂସ୍ଥା ପାଇଁ ଜଣେ ଏସପି ପଦବୀ ମଞ୍ଜୁର ହୋଇଥିବା ବେଳେ ସେଠାରେ କାହାକୁ ନିଯୁକ୍ତି ଦିଆଯାଇନାହିଁ। ଜଣେ ଡ଼ିଏସପି ପଦବୀ ମଞ୍ଜୁର ହୋଇଥିବା ବେଳେ ଜଣେ ଡ଼ିଏସପି କାର୍ଯ୍ୟରତ ଅଛନ୍ତି। ୨ ଇନ୍ସପେକ୍ଟର ପଦବୀ ମଞ୍ଜୁର ହୋଇଥିବା ବେଳେ ବର୍ତ୍ତମାନ କେହି ଅଫିସର୍ ନାହାନ୍ତି। ସେହିପରି ୪ଜଣ ଏସ୍‌ଆଇ ମଧ୍ୟରୁ ୨ଜଣ ରହିଛନ୍ତି। ଅନ୍ୟପଟେ ୧୧ ଜଣ ଏଏସଆଇ ପଦବୀ ମଞ୍ଜୁର ହୋଇଥିବା ବେଳେ ୧୧ ଜଣ ରହିଛନ୍ତି। ୩୧ଜଣ କନ୍ଷ୍ଟେବଲ୍‌ଙ୍କ ମଧ୍ୟରୁ ୧୮ଜଣ ଅଛନ୍ତି। ଦିନକୁ ଦିନ କାର୍ଯ୍ୟଭାର ବଢୁଥିବା ଯୋଗୁଁ ସେଠାରେ ଆବଶ୍ୟକ କର୍ମଚାରୀ ଯୋଗାଇ ଦେଇ ସମସ୍ୟା ସମାଧାନ କରିବାକୁ ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି। ଏନେଇ ଡ଼ିଏସପି କୁବେର ସେଠୀ କହିଛନ୍ତି, ବର୍ତ୍ତମାନ ଇନ୍ସପେକ୍ଟର କେହି ନାହାନ୍ତି। ସେହିପରି ଏଠାରେ କର୍ମଚାରୀ ସଂଖ୍ୟା କମ ରହିଛି। ଖୁବଶୀଘ୍ର ଏଠାରେ ଇନ୍ସପେକ୍ଟର ସମେତ ଅନ୍ୟାନ୍ୟ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯିବ ବୋଲି ସେ କହିଛନ୍ତି।

# ରାଜନୀତି ବିଜ୍ଞାନ ବିଭାଗ ଛାତ୍ରୀଙ୍କ ସନ୍ଦର୍ଭ ଉପସ୍ଥାପନା



ଉପସ୍ଥିତ ଗବେଷକ, ଅଧ୍ୟାପିକା ଅଧ୍ୟାପକ ଓ ଅନ୍ୟମାନେ।

ବ୍ରହ୍ମପୁର,୬।୧୦(ତନୁଶ୍ରୀ ନାହାକ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗ ଗବେଷଣା ଛାତ୍ରୀ ସ୍ମୃତିରାଣୀ ବେଦବକ ଗୁରୁବାର ସେମିନାର ହଲରେ ନିଜ ସନ୍ଦର୍ଭ ଉପସ୍ଥାପନା କରିଛନ୍ତି। ଆଞ୍ଚଳିକ ରାଜନୀତିରେ ଆଦିବାସୀ ମହିଳା ଓ ଏଥିରେ ବୌଦ୍ଧ ଜିଲା ଶୀର୍ଷକକୁ ନେଇ ପ୍ରଫେସର ଡ଼.ରୋଶନି କୁଜୁରଙ୍କ ତତ୍ତ୍ୱାବଧାନରେ ସେ ଏହି ସନ୍ଦର୍ଭ ପ୍ରସ୍ତୁତ କରିଥିଲେ। ଏହାକୁ ମିରଠ ଚୌଧୁରୀ ଚରଣ ସିଂ ଶିକ୍ଷାନୁଷ୍ଠାନ ରାଜନୀତି ବିଜ୍ଞାନ ବିଭାଗ ପ୍ରଫେସର ଡ଼.ସଞ୍ଜୀବ କୁମାର ଶର୍ମା ସମୀକ୍ଷା କରିଥିଲେ।

